*1953*

*ଡିସେମ୍ବର 18*

ବାବୁରାଓ ଶାନ୍ତାରାମ ମୋରେ

ବନାମ

ଦ ବମ୍ବେ ହାଉସିଂ ବୋର୍ଡ ଏବଂ ଅନ୍ୟଜଣେ

[ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ନ୍ୟାୟାଧୀଶ, ଏସ୍. ଆର୍. ଦାସ, ଭିଭିଆନ୍ ବୋଷ, ଗୁଲାମ୍ ହାସନ୍, ଜଗନ୍ନାଧଦାସ, ନ୍ୟାୟମୂର୍ତ୍ତିବୃନ୍ଦ]

*ଭାରତର ସମ୍ବିଧାନ, ଅନୁଚ୍ଛେଦ 14- ବମ୍ବେ ଭଡ଼ା, ହୋଟେଲ ଏବଂ ସାମୟିକ ଆବାସ ଗୃହ ଦର ନିୟନ୍ତ୍ରଣ ଅଧିନିୟମ, 1947 (1947ର ଅଧିନିୟମ LVII), ଧାରା 4- ବମ୍ବେ ଆବାସ ବୋର୍ଡ (ସଂଶୋଧନ) ଅଧିନିୟମ (1951ର ବମ୍ବେ ଅଧିନିୟମ XI) ବମ୍ବେ ଆବାସ ବୋର୍ଡ ଅଧିନିୟମ (1948ର ଅଧିନିୟମ LXIX) ରେ ସନ୍ନିବେଶିତ ନୂତନ ଧାରା 3-A - ସମ୍ବିଧାନର କ୍ଷମତାତୀତ ହେଉଛି କି ନାହିଁ ।*

*ଏହା ବିଚାର କରାଯାଇଥିଲା ଯେ,* ବମ୍ବେ ଭଡା, ହୋଟେଲ ଏବଂ ସାମୟିକ ଆବାସ ଗୃହ ଦର ନିୟନ୍ତ୍ରଣ ଅଧିନିୟମ, 1947 (ଅଧିନିୟମ LVII, 1947)ର ଧାରା 4 କିମ୍ବା ବମ୍ବେ ଆବାସ ବୋର୍ଡ ଅଧିନିୟମ, (ଅଧିନିୟମ LXIX, 1948)ରେ ସଂଶୋଧନ ଅଧିନିୟମ (ବମ୍ବେ ଅଧିନିୟମ XI, 1951) ଦ୍ୱାରା ସନ୍ନିବେଶିତ ନୂତନ ଧାରା 3-A ସମ୍ବିଧାନର ଅନୁଚ୍ଛେଦ 14 ର କ୍ଷମତାତୀତ କରୁନାହିଁ ।

ରାୟରେ ତଥ୍ୟଗୁଡିକୁ ଏବଂ ଯୁକ୍ତିଗୁଡିକୁ ଯଥେଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି ।

1952ର ମୂଳ ଅଧିକରିତା ଆବେଦନ ସଂଖ୍ୟା 271: 1952ର ଆବେଦନ ସଂଖ୍ୟା 108ରୁ ବିଶେଷ ଅନୁମତି ପାଇଁ ଆବେଦନ ।

ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁଯାୟୀ ଆବେଦନ ଏବଂ 1952ର ଦେୱାନୀ ପୁନଃ ନିରୀକ୍ଷଣ ଆବେଦନ ସଂଖ୍ୟା 567ରେ ବମ୍ବେ ସ୍ଥିତ ଉଚ୍ଚ ନ୍ୟାୟାଳୟଙ୍କ (ପ୍ରଧାନ ନ୍ୟାୟାଧୀଶ ଚଗଲା ଏବଂ ନ୍ୟାୟମୂର୍ତ୍ତି ଗଜେନ୍ଦ୍ରଗଡ଼କର) ଦ୍ୱାରା 1952 ମସିହା ଜୁଲାଇ 7 ତାରିଖରେ ଦିଆ ଯାଇଥିବା ରାୟ ଓ ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଆବେଦନପତ୍ର ।

ଆବେଦନକାରୀଙ୍କ ତରଫରୁ *ଜେ. ବି. ଦାଦାଚାଞ୍ଜି*।

ଉତ୍ତରଦାତାମାନଙ୍କ ପକ୍ଷରୁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତଲୱାଡ୍* ଏବଂ *ଭାରତର ସଲିସିଟର ଜେନେରାଲ ସି. କେ. ଡାଫ୍ଟାରୀ* (ସେମାନଙ୍କ ସହ *ପୋରସ୍ ଏ. ମେହେଟ୍ଟା*) ।

1953. ଡିସେମ୍ବର 18 । ନ୍ୟାୟାଳୟଙ୍କ ରାୟ ନ୍ୟାୟାମୂର୍ତ୍ତି ଦାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ନ୍ୟାୟମୂର୍ତ୍ତି ଦାସ- ଆମ ସମ୍ମୁଖରେ ଉପସ୍ଥିତ ଆବେଦନକାରୀ ଗ୍ରେଟର୍ ବମ୍ବେର ସିୟନ ଧାରାଭି ଶିବିରରେ ବ୍ୟାରେକ୍ ସଂଖ୍ୟା ଟି-93ରେ 387 ଏବଂ 388 ସଂଖ୍ୟାରେ ଦୁଇଟି କୋଠରୀକୁ ଦଖଲରେ ରଖିଅଛନ୍ତି । ଗତ ବିଶ୍ୱଯୁଦ୍ଧ ସମୟରେ ସେନାର ବ୍ୟବହାର ପାଇଁ ଭାରତ ସରକାରଙ୍କ ଦ୍ୱାରା ନିର୍ମିତ ଏବଂ ମାଲିକାନାଧୀନ ଅନେକ ବାସଗୃହକୁ ନେଇ ଏହି ଶିବିର ଗଠିତ ହେଇଥିଲା । 1948ରେ, ବମ୍ବେ ସରକାର, ବର୍ତ୍ତମାନ ବମ୍ବେ ରାଜ୍ୟ ଦ୍ୱାରା ପ୍ରତିନିଧିତ୍ୱ ହେଉଛି, ସେହି ଶିବିରକୁ କିଣି ଏହାର ପରିଚାଳନା ଦାୟିତ୍ୱ ବମ୍ବେ ପ୍ରାଦେଶିକ ବାସସ୍ଥାନ ସମୂହ ବୋର୍ଡକୁ ଦେଇଥିଲେ ଯାହା ସରକାରୀ ପ୍ରସ୍ତାବ ଦ୍ୱାରା ଗଠିତ ହୋଇଥିବା ଏକ ସଂସ୍ଥା ଅଟେ । ସେହି ବର୍ଷ, ବମ୍ବେ ଆବାସ ବୋର୍ଡ, ପ୍ରତିବାଦୀ ସଂଖ୍ୟା 4 (ଏହା ପରେ ବୋର୍ଡ ଭାବରେ ସୂଚିତ), ବମ୍ବେ ଆବାସ ବୋର୍ଡ ଅଧିନିୟମ, 1948 (1948ର ଅଧିନିୟମ ସଂଖ୍ୟା LXIX) ଦ୍ୱାରା ଏକ ସଂଘବଦ୍ଧ ସଂସ୍ଥା ଭାବରେ ସ୍ଥାପିତ ହୋଇଥିଲା, ଯାହାକି ସମ୍ପତ୍ତି ଅଧିଗ୍ରହଣ ଏବଂ ଧାରଣ କରିବାକୁ ସକ୍ଷମ ଥିଲା । ବୋର୍ଡର ଏବଂ ବୋର୍ଡ ଦ୍ୱାରା ନିହିତ ଜମି ଏବଂ ଅଟ୍ଟାଳିକାର ପରିଚାଳନା ଏବଂ ବ୍ୟବହାର ଏହି ଅଧିନିୟମର ଉଦ୍ଦେଶ୍ୟଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଆବାସ ଯୋଜନା ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ କ୍ଷମତା ଦିଆଯାଇଛି । ସେହି ଅଧିନିୟମ ଏବଂ ଜମି ଅଧିଗ୍ରହଣ (ବମ୍ବେ ସଂଶୋଧନ) ଅଧିନିୟମ, 1948 ଉଦ୍ଦେଶ୍ୟରେ ଧାରା 3 (3) ଅନୁଯାୟୀ ବୋର୍ଡକୁ ଏକ ସ୍ଥାନୀୟ କର୍ତ୍ତୃପକ୍ଷ ବୋଲି ବିବେଚନା କରାଯାଇଛି । ଧାରା 54(3) ରେ କୁହାଯାଇଛି ଯେ ବମ୍ବେ ପ୍ରାଦେଶିକ ଆବାସ ବୋର୍ଡକୁ ଦିଆଯାଇଥିବା ସମସ୍ତ ସମ୍ପତ୍ତି ବମ୍ବେ ସରକାରଙ୍କ ଦ୍ୱାରା କରାଯାଇଥିବା ଘୋଷଣା ପରେ ବୋର୍ଡରେ ନ୍ୟସ୍ତ ହେବ । 1949 ମସିହା ଜୁନ୍ 1 ତାରିଖରେ ବମ୍ବେ ସରକାର ଆବଶ୍ୟକ ଘୋଷଣା କରି 'ସିୟନ୍ ଧାରାଭି ଶିବିରକୁ' ବୋର୍ଡରେ ନ୍ୟସ୍ତ କରିଥିଲେ ।

*1953*

*ବାବୁରାଓ ଶାନ୍ତାରାମ ମୋରେ ବନାମ ଦ ବମ୍ବେ ହାଉସିଂ ବୋର୍ଡ ଏବଂ ଅନ୍ୟଜଣେ*

ନ୍ୟାୟମୂର୍ତ୍ତି ଦାସ

ଏହା ଜଣାପଡ଼େ ଯେ ଶିବିରଟି ବମ୍ବେ ପ୍ରାଦେଶିକ ଆବାସ ବୋର୍ଡକୁ ହସ୍ତାନ୍ତର କରାଯିବା ପୂର୍ବରୁ, ଆବେଦନକାରୀ ସମେତ କେତେକ ବ୍ୟକ୍ତି, କୌଣସି କର୍ତ୍ତୃତ୍ୱ କିମ୍ବା ଅଧିକାର ବିନା, ଶିବିରର କିଛି ଅଂଶ ଦଖଲ କରିଥିଲେ । ଏକ ବ୍ୟବସ୍ଥା କରାଯାଇଥିଲା ଯେ ଆବେଦନକାରୀ ଏବଂ ଶିବିରର କିଛି ଅଂଶ ଦଖଲ କରିଥିବା ଅନ୍ୟ ବ୍ୟକ୍ତିମାନେ ବମ୍ବେ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଭଡ଼ା ପ୍ରଦାନ କରିବେ । ବମ୍ବେ ସରକାର ଶିବିରର ପୁନଃନିର୍ମାଣ ଉଦ୍ଦେଶ୍ୟରେ କେତେକ ମରାମତି କରିବାକୁ ଦାୟିତ୍ୱ ନେଇଥିଲେ ଏବଂ ଆବେଦନକାରୀ ଏବଂ ଅନ୍ୟମାନେ ସରକାର ସ୍ଥିର କରିଥିବା ଭଡା ଦେବାକୁ ରାଜି ହୋଇଥିଲେ । ଏହି ରାଜିନାମାର ସର୍ତ୍ତାବଳୀକୁ ଦର୍ଶାଇ ଆବେଦନକାରୀ ଏବଂ ଅନ୍ୟମାନେ ଏକ ପତ୍ରରେ ଦସ୍ତଖତ କରିଥିଲେ । ଆବେଦନକାରୀଙ୍କ ଭଡ଼ା ମୂଳତଃ ମାସିକ 14 ଟଙ୍କା ସ୍ଥିର କରାଯାଇଥିଲା । ଏହା ପରେ ବମ୍ବେ ସରକାର ବିପୁଳ ଖର୍ଚ୍ଚରେ ଢାଞ୍ଚାଗୁଡ଼ିକର ପୁନଃନିର୍ମାଣ କରିଥିଲେ ଏବଂ ଆବେଦନକାରୀଙ୍କ ଦଖଲରେ ଥିବା କୋଠରୀଗୁଡିକର ସଂଶୋଧିତ ଭଡ଼ା ମାସିକ 56.୫ ଟଙ୍କା ନିର୍ଣ୍ଣୟ କରାଯାଇଥିଲା ।

ଫେବୃଆରୀ 1950 ପାଖାପାଖି ସମୟରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କୁ ନୋଟିସ ଦିଆଯାଇଥିଲା ଯେ ସେ 1950 ମସିହା ମାର୍ଚ୍ଚ ମାସ ଶେଷରେ ତାଙ୍କ ଦଖଲରେ ଥିବା କୋଠରୀଗୁଡ଼ିକୁ ଖାଲି କରିବେ । ସେହି ବିଜ୍ଞପ୍ତି ଦ୍ୱାରା ଏକ ସୂଚନା ମଧ୍ୟ ଦିଆଯାଇଥିଲା ଯେ ଯଦି ଆବେଦନକାରୀ ମାସିକ 56.୫ ଟଙ୍କାର ସଂଶୋଧିତ ଭଡ଼ା ଦେବାକୁ ରାଜି ହୁଅନ୍ତି, ତେବେ ବୋର୍ଡ ଖାଲି କରିବା ପାଇଁ ଦେଇଥିବା ନୋଟିସକୁ ଛାଡ କରିବ । ଆବେଦନକାରୀ, ସଂଶୋଧିତ ଭଡ଼ା ଦେବାକୁ ରାଜି ହୋଇନଥିବାରୁ, ବୋର୍ଡ ଆବେଦନକାରୀଙ୍କ ବିରୋଧରେ ବମ୍ବେ ସ୍ଥିତ ଲଘୁ ବିବାଦ ନ୍ୟାୟାଳୟରେ ତାଙ୍କ ଦଖଲରେ ଥିବା ପରିସରକୁ ପୁନରୁଦ୍ଧାର କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । *ଅନ୍ୟାନ୍ୟ ପ୍ରସଙ୍ଗ ସହିତ* ଆବେଦନକାରୀ ଦର୍ଶାଇଥିଲେ ଯେ ବମ୍ବେ ଭଡ଼ା, ହୋଟେଲ ଏବଂ ସାମୟିକ ଆବାସ ଗୃହ ଦର ନିୟନ୍ତ୍ରଣ ଅଧିନିୟମ, 1947 (1947ର ଅଧିନିୟମ LVII), ଯାହାକୁ ସାର୍ବଜନୀନ ଭାବରେ ବମ୍ବେ ଭଡ଼ା ଅଧିନିୟମ କୁହାଯାଏ, ତାହା ଦ୍ୱାରା ସେ ସୁରକ୍ଷିତ ଥିଲେ । କିନ୍ତୁ ବୋର୍ଡ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ବମ୍ବେ ଭଡ଼ା ଅଧିନିୟମର ଧାରା ୪ ଅନୁଯାୟୀ ବୋର୍ଡର ପରିସରକୁ ଏହି ଅଧିନିୟମରୁ ଛାଡ଼ପ୍ରାପ୍ତ କରାଯାଇଛି ଯାହା ନିମ୍ନମତେ ଉଲ୍ଲେଖ ଅଛି:-

"ଏହି ଅଧିନିୟମ ସରକାରଙ୍କର କିମ୍ବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କର କୌଣସି ପରିସର ଉପରେ ଲାଗୁ ହେବ ନାହିଁ କିମ୍ବା ସରକାରଙ୍କର କୌଣସି ଭଡା କିମ୍ବା ଅନ୍ୟାନ୍ୟ ଅନୁରୂପ ସମ୍ବନ୍ଧ ଉପରେ ଲାଗୁ ହେବ ନାହିଁ ଯାହା ସରକାରଙ୍କ ଠାରୁ ଅନୁଦାନ ଦ୍ୱାରା ଭଡ଼ାରେ ନିଆଯାଇଥିବା କିମ୍ବା ସରକାରଙ୍କ ଦ୍ୱାରା ଦାବି କରାଯାଇଥିବା ପରିସର ସମ୍ବନ୍ଧରେ ସୃଷ୍ଟି ହୋଇଥାଏ; କିନ୍ତୁ ଏହା ଭଡ଼ାରେ ନିଆଯାଇଥିବା ପରିସର କିମ୍ବା ସରକାର କିମ୍ବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଭଡ଼ାରେ ଦିଆଯାଇଥିବା ପରିସର ସମ୍ବନ୍ଧରେ ଲାଗୁ ହେବ"।

ଆବେଦନକାରୀଙ୍କ ଜବାବ ଥିଲା ଯେ ବୋର୍ଡ ଏକ ସ୍ଥାନୀୟ କର୍ତ୍ତୃପକ୍ଷ ନୁହେଁ ଏବଂ ସେହି କାରଣରୁ ଧାରା 4 ର ସୁବିଧା ଦାବି କରିପାରିବ ନାହିଁ ଏବଂ ଆହୁରି ମଧ୍ୟ, ଏହି ଧାରା ଅସାମ୍ବିଧାନିକ ଥିଲା କାରଣ ଏହା ସମ୍ବିଧାନର ସମାନ ସୁରକ୍ଷା ଧାରା ବିରୁଦ୍ଧ ଥିଲା । ଲଘୁ ବିବାଦ ନ୍ୟାୟାଳୟରେ କାର୍ଯ୍ୟାନୁଷ୍ଠାନ ବିଚାରଧୀନତା ସମୟରେ, ବମ୍ବେ ଆବାସ ବୋର୍ଡ ଅଧିନିୟମକୁ ବମ୍ବେ ଆବାସ ବୋର୍ଡ (ସଂଶୋଧନ) ଅଧିନିୟମ (1951ର ଅଧିନିୟମ XI) ଦ୍ୱାରା ସଂଶୋଧନ କରାଯାଇଥିଲା । ଧାରା 3-A, ଯାହା ସଂଶୋଧନକାରୀ ଅଧିନିୟମ ଦ୍ୱାରା ଯୋଡ଼ା ଯାଇଥିଲା, ନିମ୍ନଲିଖିତ ଶବ୍ଦରେ ଅଛି:-

"3-A. ସନ୍ଦେହ ଦୂର କରିବା ପାଇଁ, ଏହା ଏତଦ୍ ଦ୍ୱାରା ଘୋଷଣା କରାଯାଏ ଯେ ବମ୍ବେ ଭଡ଼ା, ହୋଟେଲ ଏବଂ ସାମୟିକ ଆବାସ ଗୃହ ଦର ନିୟନ୍ତ୍ରଣ ଅଧିନିୟମ, 1947,-

(କ) ଏହି ଅଧିନିୟମ ଅନୁଯାୟୀ କିମ୍ବା ଏହାର ଉଦ୍ଦେଶ୍ୟରେ ବୋର୍ଡର କିମ୍ବା ବୋର୍ଡକୁ ନ୍ୟସ୍ତ କରା ଯାଇଥିବା କୌଣସି ଜମି କିମ୍ବା ଅଟ୍ଟାଳିକା ଉପରେ ଲାଗୁ ହେବ ନାହିଁ କିମ୍ବା କେବେ ଲାଗୁ ହୋଇଥିବା ବିବେଚନା କରାଯିବ ନାହିଁ;

(ଖ) ଏପରି ଜମି କିମ୍ବା ଅଟ୍ଟାଳିକା ସମ୍ବନ୍ଧରେ ବୋର୍ଡ ଦ୍ୱାରା ସୃଷ୍ଟି ହୋଇଥିବା କୌଣସି ଭଡ଼ାଟିଆ କିମ୍ବା ଅନ୍ୟ ସମାନ ସମ୍ପର୍କ ପାଇଁ ବୋର୍ଡ ବିରୁଦ୍ଧରେ କେବେ ଲାଗୁ ହେବ ନାହିଁ କିମ୍ବା ପ୍ରୟୋଗ ହୋଇଛି ବୋଲି ବିବେଚନା କରାଯିବ ନାହିଁ;

(ଗ) କିନ୍ତୁ ବୋର୍ଡକୁ ଭଡ଼ା ଦିଆଯାଇଥିବା କୌଣସି ଜମି କିମ୍ବା ଅଟ୍ଟାଳିକା ଉପରେ ଲାଗୁ ହେବ"।

1953
ବାବୁରାଓ ଶାନ୍ତାରାମ
ମୋରେ
ବନାମ
ଦ ବମ୍ବେ ହାଉସିଂ
ବୋର୍ଡ ଏବଂ
ଅନ୍ୟଜଣେ
ନ୍ୟାୟମୂର୍ତ୍ତି ଦାସ

ବିଚାର କରୁଥିବା ନ୍ୟାୟାଳୟ କହିଲେ ଯେ ବମ୍ବେ ଭଡ଼ା ଅଧିନିୟମର ଧାରା 4ର ଅର୍ଥ ମଧ୍ୟରେ ବୋର୍ଡ ଏକ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଏହି ଧାରା ସମ୍ବିଧାନର ଅନୁଚ୍ଛେଦ 14ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରି ନଥିଲା ଏବଂ ସେହି ଅନୁଯାୟୀ 14 ଫେବୃଆରୀ, 1952 ରେ ବୋର୍ଡକୁ ଦୁଇଟି କୋଠରୀର ଦଖଲ ନେବା ପାଇଁ ଏକ ଆଦେଶ ଦେଇଥିଲେ କିନ୍ତୁ ଏହା ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଦଖଲ ପରୱାନା 15 ମେ, 1952 ପର୍ଯ୍ୟନ୍ତ ଜାରି କରା ଯାଇପାରିବ ନାହିଁ । ଆବେଦନକାରୀ ପୁନରୀକ୍ଷଣ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ବୋର୍ଡ ଏକ ସ୍ଥାନୀୟ କର୍ତ୍ତୃପକ୍ଷ ବୋଲି କହିବା କଷ୍ଟକର ଥିଲା, କିନ୍ତୁ ସଂଶୋଧନକାରୀ ଅଧିନିୟମ ଦ୍ୱାରା ପ୍ରବର୍ତ୍ତିତ ଧାରା 3-A ବୋର୍ଡକୁ ବମ୍ବେ ଭଡ଼ା ଅଧିନିୟମର ଧାରା 4ରେ ଥିବା ଅବ୍ୟାହତିକୁ ପିଛିଲା ପ୍ରଭାବ ପକାଇ ବିସ୍ତାର କରିଥିଲା । ଉଚ୍ଚ ନ୍ୟାୟାଳୟ ଆହୁରି ମଧ୍ୟ କହିଥିଲେ ଯେ ଅନୁଚ୍ଛେଦ 14 ଅନୁଯାୟୀ ଆବେଦନକାରୀଙ୍କ ମୌଳିକ ଅଧିକାରର କୌଣସି ଉଲ୍ଲଂଘନ ହୋଇନଥିଲା ଏବଂ ପୁନରୀକ୍ଷଣ ପାଇଁ ଆବେଦନକୁ ଖାରଜ କରିଦେଇଥିଲେ । ଆବେଦନକାରୀ ଏହି ଅଦାଲତରେ ଆବେଦନ କରିବାକୁ ଅନୁମତି ପାଇଁ ବମ୍ବେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ କିନ୍ତୁ ସେହି ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଆବେଦନକାରୀ ବର୍ତ୍ତମାନ ଆମ ସମ୍ମୁଖରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଆବେଦନ କରିଛନ୍ତି । ସେ ତାଙ୍କ ମୌଳିକ ଅଧିକାରର କାର୍ଯ୍ୟକାରିତା ପାଇଁ ଅନୁଚ୍ଛେଦ 32 ଅନୁଯାୟୀ ଏକ ଗୁରୁତ୍ୱପୂର୍ଣ୍ଣ ଆବେଦନ ମଧ୍ୟ କରିଛନ୍ତି । ଏହି ଦୁଇଟି ଆବେଦନକୁ ଶୁଣାଣି ଏବଂ ସମାଧାନ ପାଇଁ ଆମ ସମ୍ମୁଖରେ ଏକତ୍ର ରଖାଯାଇଛି ।

ଆବେଦନକାରୀଙ୍କ ପକ୍ଷରେ ଉପସ୍ଥିତ ଥିବା ବିଜ୍ଞ ଓକିଲଙ୍କ ଦ୍ୱାରା ଆମ ସମ୍ମୁଖରେ ଉପସ୍ଥାପିତ ଏକମାତ୍ର ପ୍ରସଙ୍ଗ ହେଉଛି, ବମ୍ବେ ଭଡା ଅଧିନିୟମ ଅଧୀନରେ ବୋର୍ଡର ଜମି କିମ୍ବା ଅଟ୍ଟାଳିକାକୁ ବାଦ ଦେଇଥିବା ଧାରା 3-A ସମ୍ବିଧାନର ସମାନ ସୁରକ୍ଷା ଧାରାକୁ ଉଲ୍ଲଂଘନ କରୁଛି । ସେ ଦର୍ଶାଇଛନ୍ତି ଯେ ବମ୍ବେରେ ସମବାୟ ସମିତି ଅଧିନିୟମ ଅନ୍ତର୍ଗତ ଅନେକ ସମବାୟ ଗୃହ ନିର୍ମାଣ ସମିତି ରହିଛି, ଯାହା ସମାନ ସ୍ଥିତିରେ ରହିଛି ଏବଂ ଯାହାର ଉଦ୍ଦେଶ୍ୟ ମଧ୍ୟ ଗୃହ ନିର୍ମାଣ ସମସ୍ୟା ସମାଧାନ କରିବା ଅଟେ, କିନ୍ତୁ ସେମାନଙ୍କର ଜମି ଏବଂ ଅଟ୍ଟାଳିକା ବମ୍ବେ ଭଡ଼ା ଅଧିନିୟମର କାର୍ଯ୍ୟକାରିତାରୁ ଛାଡ଼ପ୍ରାପ୍ତ ନୁହେଁ । ଏହାର ପରିଣାମ ଏହା ହେଉଛି ଯେ ସେହି ସମବାୟ ଗୃହ ନିର୍ମାଣ ସମିତିର ଭଡ଼ାଟିଆଙ୍କୁ ବମ୍ବେ ଭଡ଼ା ଅଧିନିୟମ ଦ୍ୱାରା ଭଡ଼ା ବୃଦ୍ଧି ଏବଂ ଉଚ୍ଛେଦ ବିପକ୍ଷରେ ସଂପୂର୍ଣ୍ଣ ସୁରକ୍ଷା ମିଳିଥାଏ, କିନ୍ତୁ ବୋର୍ଡର ଭଡ଼ାଟିଆମାନେ ଧାରା 3-A

ଆଧାରରେ ବମ୍ବେ ଭଡ଼ା ଅଧିନିୟମର ସୁରକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ସମବାୟ ସମିତି ଅଧିନିୟମ ଅନୁଯାୟୀ ସାମିଲ ସମବାୟ ଗୃହ ନିର୍ମାଣ ସମିତି ଏବଂ ଏହାର ସଦସ୍ୟମାନଙ୍କ ମଧ୍ୟରେ ଜମିଦାର ଓ ଭଡାଟିଆ ସମ୍ପର୍କର କୌଣସି ବ୍ୟବସ୍ଥା ନାହିଁ । ଏହି ଅଧିନିୟମରେ ଏପରି କୌଣସି ବିଷୟ ନାହିଁ ଯାହା ଦର୍ଶାଉଛି ଯେ କୌଣସି ସମବାୟ ଗୃହ ନିର୍ମାଣ ସମିତିର କୌଣସି ସଦସ୍ୟ ସେହି ସମିତିର ଜଣେ ଭଡାଟିଆ ଅଟନ୍ତି । ସମବାୟ ଗୃହ ନିର୍ମାଣ ସମିତିଗୁଡିକରେ କୌଣସି ଭଡାଟିଆ ରହିଛନ୍ତି ବୋଲି ସମର୍ଥନ କରି କୌଣସି ଦଖଲ ମିଆଦି ଅନୁମତି ପତ୍ର କିମ୍ବା ଅନ୍ୟ କୌଣସି ଦସ୍ତାବିଜ ଉପସ୍ଥାପିତ କରାଯାଇ ନାହିଁ । ଆହୁରି ମଧ୍ୟ, ଯଦିଓ ଏହି ସମବାୟ ଗୃହ ନିର୍ମାଣ ସମିତିଗୁଡ଼ିକ ନିଃସନ୍ଦେହରେ ନିଗମିତ ସଂସ୍ଥା ଅଟନ୍ତି, ତଥାପି ସେମାନେ ଲାଭ ଅର୍ଜନ କରିପାରନ୍ତି ଯାହା ସେମାନଙ୍କ ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇପାରେ । ଅନ୍ୟପକ୍ଷରେ, ବୋର୍ଡ ହେଉଛି ଏକ ନିଗମିତ ସଂସ୍ଥା ଯାହା ବମ୍ବେରେ ଆବାସ ସୁବିଧାର ତୀବ୍ର ଅଭାବ ସମସ୍ୟାର ସମାଧାନ ପାଇଁ ଆବାସ ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଅସ୍ତିତ୍ୱରେ ଆସିଛି । କୌଣସି ଲାଭାଂଶ ବଣ୍ଟନରେ ଅଂଶୀଦାରମାନଙ୍କ ଆଗ୍ରହ ନାହିଁ । ଏହା ସରକାରଙ୍କ ନିୟନ୍ତ୍ରଣରେ ଅଛି ଏବଂ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରେ । ବାସ୍ତବରେ, ଏହା ଏକ ସରକାରୀ ପ୍ରାୟୋଜିତ ସଂସ୍ଥା ଯାହାର କୌଣସି ଲାଭ ଅର୍ଜନ ଉଦ୍ଦେଶ୍ୟ ନାହିଁ । ଆମ ସମ୍ମୁଖରେ ଏପରି କୌଣସି ତଥ୍ୟ ଉପସ୍ଥାପିତ ଅଧିକନ୍ତୁ ପ୍ରମାଣିତ କରାଯାଇନାହିଁ, ଯାହା ସୁଦୂରରୁ ମଧ୍ୟ ଏହା ସୂଚାଉଥିବ ଯେ ସମବାୟ ଗୃହ ନିର୍ମାଣ ସମିତି କିମ୍ବା ସେମାନଙ୍କ ସଦସ୍ୟମାନେ ବୋର୍ଡ ଏବଂ ଏହାର ଭଡ଼ାଟିଆମାନଙ୍କ ସହ ସମାନ ସ୍ଥିତିରେ ଅଛନ୍ତି । ତେଣୁ ଆବେଦନକାରୀ ଏହି ଆଧାରରେ ତାଙ୍କ ଭେଦଭାବ ଅଭିଯୋଗକୁ ବଜାୟ ରଖିପାରିବେ ନାହିଁ ।

ଏହା ପରେ ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଧାରା 3-Aର ପ୍ରଭାବ ହେଉଛି ବୋର୍ଡକୁ ବମ୍ବେ ଭଡା ଅଧିନିୟମ ଧାରା 4ର ଅବ୍ୟାହତିର ସୁବିଧା ପ୍ରଦାନ କରିବା, ଅନ୍ୟ ଶବ୍ଦରେ କହିବାକୁ ଗଲେ, ବୋର୍ଡର ନାମ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପରେ ଧାରା 4ରେ ଯୋଡାଯାଇଛି । ଧାରା 4 ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ବୋର୍ଡର ସମ୍ପତ୍ତିର ଭଡାଟିଆଙ୍କ ପ୍ରତି ଭେଦଭାବ କରୁଥିବା ଯୁକ୍ତି କରାଯାଇଛି, କାରଣ ଏହା ଭଡାଟିଆଙ୍କୁ ବମ୍ବେ ଭଡା ଅଧିନିୟମର ସୁବିଧାରୁ ବଞ୍ଚିତ କରେ, ଯାହା ବମ୍ବେର ଅନ୍ୟ ସମସ୍ତ ଭଡାଟିଆଙ୍କ ପାଇଁ ଉପଲବ୍ଧ ଅଟେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଧାରା 4 ଦ୍ୱାରା ଏହି ଅବ୍ୟାହତି କେତେକ ନିର୍ଦ୍ଦିଷ୍ଟ ବର୍ଗର ଭଡ଼ାଟିଆଙ୍କୁ ଦିଆଯାଇଛି ଏବଂ ଏହି ବର୍ଗୀକରଣ ଏକ ବୋଧଗମ୍ୟ ପାର୍ଥକ୍ୟ ଉପରେ ଆଧାରିତ ଯାହା ସେମାନଙ୍କୁ ଅନ୍ୟ ଭଡ଼ାଟିଆଙ୍କଠାରୁ ଭିନ୍ନ କରିଥାଏ ଏବଂ ଏହି ପାର୍ଥକ୍ୟର ଅଧିନିୟମ ଦ୍ୱାରା ପ୍ରାପ୍ତ

*1953*

*ବାବୁରାଓ ଶାନ୍ତାରାମ ମୋରେ ବନାମ ଦ ବମ୍ବେ ହାଉସିଂ ବୋର୍ଡ ଏବଂ ଅନ୍ୟଜଣେ*

ହେବାକୁ ଚାହୁଁଥିବା ଉଦ୍ଦେଶ୍ୟ ସହିତ ଏକ ଯୁକ୍ତିଯୁକ୍ତ ସମ୍ପର୍କ ରହିଛି । ଆବାସ ସମସ୍ୟାକୁ ସମାଧାନ କରିବା ଏବଂ ଜନସାଧାରଣଙ୍କ ଆବାସ ଆବଶ୍ୟକତାକୁ ପୂରଣ କରିବା ସରକାରଙ୍କ କାମ । ଏହି ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ହିଁ ବୋର୍ଡର ଗଠନ ଏବଂ ପ୍ରତିଷ୍ଠା କରାଯାଇଥିଲା । ଏହା ଆଶା କରାଯାଇପାରିବ ନାହିଁ ଯେ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ବୋର୍ଡ କୌଣସି ଲାଭଜନକ ଉଦ୍ଦେଶ୍ୟରେ ପରିଚାଳିତ ହେବେ, ଯାହାଦ୍ୱାରା ଭଡା ଅଯଥାରେ ବୃଦ୍ଧି ପାଇବ କିମ୍ବା ଭଡାଟିଆମାନଙ୍କୁ ସେମାନଙ୍କ ସମ୍ପୃକ୍ତ ସମ୍ପତ୍ତିରୁ ଉଚ୍ଛେଦ କରିଦିଆଯିବ ଯେପରି ଘରୋଇ ଜମି ମାଲିକ କରନ୍ତି କିମ୍ବା ସେହିପରି କରିବାର ସମ୍ଭାବନା ଥାଏ । ତେଣୁ, ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ବୋର୍ଡର ଭଡାଟିଆମାନଙ୍କୁ ଘରୋଇ ଜମି ମାଲିକଙ୍କ ଭଡାଟିଆମାନଙ୍କ ପରି ସୁରକ୍ଷା ଆବଶ୍ୟକ ନାହିଁ ଏବଂ ଏହି ପରିସ୍ଥିତିଟି ଭେଦଭାବ ପାଇଁ ଏକ ଯୁକ୍ତିଯୁକ୍ତ ଆଧାର ଅଟେ । ଦୁଇ ଶ୍ରେଣୀର ଭଡାଟିଆଙ୍କୁ ପରିସ୍ଥିତି ଅନୁସାରେ ସମାନ ସ୍ଥିତିରେ ରଖାଯାଇନାହିଁ ଏବଂ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ବୋର୍ଡର ଭଡାଟିଆମାନେ ଆଇନ ଆଗରେ ସମାନତା କିମ୍ବା ଆଇନ ଦ୍ୱାରା ସମାନ ସୁରକ୍ଷା ପ୍ରତ୍ୟାଖ୍ୟାନର କୌଣସି ଅଭିଯୋଗ କରିପାରିବେ ନାହିଁ । ଏଠାରେ କୌଣସି ବାସ୍ତବ ଭେଦଭାବ ନାହିଁ, କାରଣ ଏହି ଦୁଇ ଶ୍ରେଣୀ ସମାନ ଭାବରେ ଅବସ୍ଥିତ ନାହାଁନ୍ତି । ତେଣୁ ବମ୍ବେ ଭଡା ଅଧିନିୟମର ଧାରା 4 କିମ୍ବା ବମ୍ବେ ଗୃହ ନିର୍ମାଣ ବୋର୍ଡ ଅଧିନିୟମର ଧାରା 3-Aକୁ ସମ୍ବିଧାନର ଅନୁଚ୍ଛେଦ 14ର ଉଲ୍ଲଂଘନ ଆଧାରରେ ଅସାମ୍ବିଧାନିକ ବୋଲି ଆପତ୍ତି କରାଯାଇପାରିବ ନାହିଁ ।

ଆମ ସମ୍ମୁଖରେ ଅନ୍ୟ କୌଣସି ପ୍ରସଙ୍ଗ ଅନୁରୋଧ କରାଯାଇନାହିଁ ।

ଆମେ ଉଭୟ ଆବେଦନକୁ ଖାରଜ କରୁଛୁ । ଆବେଦନକାରୀଙ୍କୁ ଅନୁଚ୍ଛେଦ ୩୨ ଅନୁଯାୟୀ ଆବେଦନର ଏକ ସେଟ୍ ଖର୍ଚ୍ଚ ଦେବାକୁ ପଡିବ ।

ଆବେଦନଗୁଡ଼ିକୁ ଖାରଜ କରାଗଲା ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: *ରାଜିନ୍ଦର୍ ନାରାୟଣ* ।

ଉତ୍ତରଦାତାମାନଙ୍କ ପାଇଁ ପ୍ରତିନିଧି: *ଜି. ଏଚ. ରାଜାଧ୍ୟକ୍ଷ* ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***<u>ଭାଷାନ୍ତର :</u>***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।